# ସତ୍ୟବାଣୀ

# THE WORD OF TRUTH

JUL & AUG - 2008

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

# CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

VOL.13 July & Aug., 2008 (No.4)

Published every two months in Oriya language for the Restoration of pure New Testament Christianity

Watch **SATYA VANI** Programme on **T.V.-5** Channel
Every Saturday at **6:30** a.m. in Telugu Language.

**Speakers : Joshua Gootam & Ricky Gootam**

Write for free Bible Correspondence course in
Telugu & Oriya to:

The Director
Bible Correspondence Course
P.O.Box.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - XIII KAKINADA JULY-AUG. 2008

## ପ୍ରାର୍ଥନା

## (Prayer)

ପ୍ରାର୍ଥନା ବାଇବଲର ଏକ ମୁଖ୍ୟ ବିଷୟବସ୍ତୁ । ପ୍ରାର୍ଥନାର ଅର୍ଥ ଈଶ୍ୱରଙ୍କ ସହିତ କଥା କହିବା ବା ଆମ୍ଭମାନଙ୍କ ବିନତି ତାହାଙ୍କୁ ଜଣାଇବା । ପ୍ରେରିତ ପାଉଲ ଫିଲିପି ମଣ୍ଡଳୀକୁ ଲେଖନ୍ତି,"କୌଣସି ବିଷୟରେ ଚିନ୍ତିତ ହୁଅ ନାହିଁ, କିନ୍ତୁ ସମସ୍ତ ବିଷୟରେ ପ୍ରାର୍ଥନା ଓ ବିନତି ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କ ନିବେଦନ ସହ ଈଶ୍ୱରଙ୍କ ନିକଟରେ ଜଣାଅ ।" (ଫିଲିପିୟ ୪:୬)

ସୈନ୍ୟାଧିପତି ସଦାପ୍ରଭୁ ଆମ୍ଭମାନଙ୍କ ପିତା ଅଟନ୍ତି ଓ ପ୍ରତ୍ୟେକ ଖ୍ରୀଷ୍ଟିୟାନ ତାହାଙ୍କ ସନ୍ତାନ ଅଟୁ । ସେ ସର୍ବଶକ୍ତିମାନ ଓ ସମସ୍ତ ଆଶୀର୍ବାଦର ଆକାର । ଅନନ୍ତଜୀବୀ ପରମେଶ୍ୱର ସମସ୍ତ ଗୌରବ, ମହିମା ଓ ସମ୍ପଦର ଅଧିକାରୀ । ଯାକୁବଙ୍କ ଭାଷାରେ "ସମସ୍ତ ଉତ୍ତମ ଦାନ ଓ ସମସ୍ତ ସିଦ୍ଧବର ଊର୍ଦ୍ଧ୍ୱରୁ ଅର୍ଥାତ୍ ଜ୍ୟୋତିର୍ଗଣର ପିତାଙ୍କ ଠାରୁ ଆସେ, ଯାହାଙ୍କ ଠାରେ କୌଣସି ପରିବର୍ତ୍ତନ ବା ଲେଶମାତ୍ର ବିକାର ନାହିଁ ।" (ଯାକୁବ ୧:୧୭) । ତାହାଙ୍କ ସନ୍ତାନମାନେ ତାହାଙ୍କ ନିକଟରେ ନିବେଦନ କଲେ ସେ ସମସ୍ତ ଅଭାବ ପୂରଣ କରିବାକୁ ଶକ୍ତିବାନ ଓ କୃପାଶୀଳ ପିତା ଅଟନ୍ତି । ତାହାଙ୍କ ଐଶ୍ୱରିକ ଶକ୍ତିରେ ସମସ୍ତ ପ୍ରଲୋଭନରୁ ବିଜୟୀ ହୋଇପାରୁ । ତାହାଙ୍କ କରୁଣା ଆମ୍ଭମାନଙ୍କ ମୁକ୍ତିର କାରଣ ।

ପ୍ରାର୍ଥନା ବିଷୟରେ ଈଶ୍ୱରଙ୍କ ବାକ୍ୟ କଅଣ କହେ ? ଉଦ୍‌ବିଗ୍ନ ଶିଷ୍ୟବୃନ୍ଦଙ୍କୁ ଯୀଶୁଖ୍ରୀଷ୍ଟ ଉତ୍ସାହିତ କରି କହିଲେ "ପିତା ଯେପରି ପୁତ୍ରଙ୍କ ଠାରେ ମହିମାନ୍ୱିତ ହୁଅନ୍ତି, ଏଥିନିମନ୍ତେ ତୁମ୍ଭେମାନେ ମୋ ନାମରେ ଯାହା କିଛି ମାଗିବ, ତାହା ମୁଁ କରିବି । ଯଦି ତୁମ୍ଭେମାନେ ମୋ ନାମରେ କୌଣସି ବିଷୟ ମୋତେ ମାଗିବ, ମୁଁ ତାହା କରିବି ।" (ଯୋହନ ୧୪:୧୩,୧୪) ପୁନର୍ବାର ସେ କହନ୍ତି,"ଯଦି ତୁମ୍ଭେମାନେ ମୋ ଠାରେ

ରୁହ, ଆଉ ମୋହର ବାକ୍ୟ ତୁମ୍ଭମାନଙ୍କ ଠାରେ ରୁହେ, ତାହାହେଲେ ଯେକୌଣସି ବିଷୟ ଇଚ୍ଛାକର, ତାହା ମାଗ, ଆଉ ତୁମ୍ଭମାନଙ୍କ ନିମନ୍ତେ ତାହା ସାଧିତ ହେବ । ତୁମ୍ଭେମାନେ ପ୍ରଚୁର ଫଳ ଫଳିଲେ ମୋହର ପିତା ମହିମାନ୍ୱିତ ହେବ, ଆଉ ତୁମ୍ଭେମାନେ ମୋହର ପ୍ରକୃତ ଶିଷ୍ୟ ହେବ ।'' (ଯୋହନ ୧୫:୭,୮) । ''ତୁମ୍ଭେମାନେ ମୋତେ ମନୋନୀତ କରିନାହଁ, କିନ୍ତୁ ମୁଁ ତୁମ୍ଭମାନଙ୍କୁ ମନୋନୀତ କରିଅଛି, ଆଉ ତୁମ୍ଭେମାନେ ଯେପରି ଯାଇ ଫଳ ଉତ୍ପନ୍ନ କର ଓ ତୁମ୍ଭମାନଙ୍କ ଫଳସ୍ଥାୟୀ ହୁଏ । ଏଥିନିମନ୍ତେ ତୁମ୍ଭମାନଙ୍କୁ ନିଯୁକ୍ତି କରିଅଛି । ସେଥିରେ ତୁମ୍ଭେମାନେ ମୋ ନାମରେ ପିତାଙ୍କୁ ଯାହାକିଛି ମାଗିବ, ସେ ତାହା ତୁମ୍ଭମାନଙ୍କୁ ଦେବ ।'' (ଯୋହନ ୧୫:୧୬)

ପର୍ବତ ଉପଦେଶରେ ଯୀଶୁ ଜନସମୁହଙ୍କୁ କହିଲେ,''ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ । ଖୋଜ ସେଥିରେ ତୁମ୍ଭେମାନେ ସନ୍ଧାନ ପାଇବ, ଦ୍ୱାରରେ ମାର ସେଥିରେ ତୁମ୍ଭମାନଙ୍କ ନିମନ୍ତେ ଫିଟାଇ ଦିଆଯିବ । କାରଣ ଯେକେହି ମାଗେ, ସେ ପାଏ, ଯେ ଖୋଜେ ସେ ସନ୍ଧାନ ପାଏ, ଆଉ ଯେ ଦ୍ୱାରରେ ମାରେ, ତାହା ନିମନ୍ତେ ଫିଟାଇ ଦିଆଯାଏ ।'' (୭:୭,୮) ଏହି ସାନ୍ତ୍ୱନାପୂର୍ଣ୍ଣ ବାକ୍ୟ ସେ ସମୟର ଜନତାକୁ ତଥା ପ୍ରତ୍ୟେକ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଦତ୍ତ ଈଶ୍ୱରଙ୍କ ଉପହାର ।

ପ୍ରେରିତ ଯୋହନ ପ୍ରାର୍ଥନା ବିଷୟରେ ଆପଣା ପ୍ରଥମ ପତ୍ରରେ ଏପରି ଉଲ୍ଲେଖିତ କରନ୍ତି,''ପୁଣି ଆମ୍ଭେମାନେ ଯେବେ ତାହାଙ୍କ ଇଚ୍ଛାନୁସାରେ କୌଣସି ପ୍ରାର୍ଥନା କରୁ, ତେବେ ସେ ଆମ୍ଭମାନଙ୍କର ସେହି ପ୍ରାର୍ଥନା ଶୁଣନ୍ତି, ତାହାଙ୍କ ଛାମୁରେ ଆମ୍ଭମାନଙ୍କର ଏହି ସାହସ ଅଛି, ଆଉ ଆମ୍ଭେମାନେ ତାହାଙ୍କ ନିକଟରେ ଯାହାକିଛି ପ୍ରାର୍ଥନା କରୁ, ତାହା ସେ ଶୁଣନ୍ତି ବୋଲି ଯଦି ଆମ୍ଭେମାନେ ଜାଣୁ, ତେବେ ତାହାଙ୍କ ଛାମୁରେ ଯାହା ପ୍ରାର୍ଥନା କରିଅଛୁ, ସେହିସବୁ ଯେ ପାଇଅଛୁ, ଏହା ମଧ୍ୟ ଜାଣୁ ।'' (୧ମ ଯୋହନ ୫:୧୪,୧୫)

ଏହି ବାକ୍ୟଗୁଡ଼ିକରୁ, ଈଶ୍ୱର ଆମ୍ଭମାନଙ୍କ ପ୍ରତ୍ୟେକ ପ୍ରାର୍ଥନା ଶୁଣନ୍ତି ବୋଲି ଜାଣିପାରୁ । କିନ୍ତୁ ପ୍ରତ୍ୟେକ ବିନତି, ନିବେଦନ ତାହାଙ୍କ ଗ୍ରହଣଯୋଗ୍ୟ ନୁହେଁ । ଆମ୍ଭମାନଙ୍କ ପ୍ରାର୍ଥନା ତାହାଙ୍କ ଗ୍ରହଣଯୋଗ୍ୟ ହେବା ନିମନ୍ତେ କେତୋଟି ସର୍ତ୍ତ ଏହି ବାକ୍ୟଗୁଡ଼ିକର ଦ୍ୱାରା ଆମ୍ଭମାନଙ୍କୁ ଜଣାଇ ଦିଆଯାଇଅଛି ।

ସବୁପ୍ରଥମେ, ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ଅର୍ଥାତ୍ ଖ୍ରୀଷ୍ଟିୟାନ ହେବା ଆବଶ୍ୟକ । ଯୋହନ ୯:୩୧ ପଦରେ ପାପୀମାନଙ୍କ ପ୍ରାର୍ଥନା ଈଶ୍ୱର ଶୁଣନ୍ତି ନାହିଁ

ବୋଲି କୁହାଯାଇଅଛି । ପାପୀମାନଙ୍କ ଅପରାଧ ସେମାନଙ୍କ ଓ ଈଶ୍ୱରଙ୍କ ମଧ୍ୟରେ ବିଚ୍ଛେଦ ଆଣିଥାଏ । ଅନେକ ଶତାବ୍ଦୀ ପୂର୍ବରୁ ଯିଶାଇୟ ଭାବବାଦୀ କହିଲେ,''ଦେଖ, ସଦାପ୍ରଭୁଙ୍କର ହସ୍ତ ଛୋଟ ହୋଇଯାଇନାହିଁ ଯେ, ତାହା ପରିତ୍ରାଣ କରିନପାରେ, କିଅବା ତାହାଙ୍କର କର୍ଣ୍ଣ ଭାରି ହୋଇନାହିଁ ଯେ ତାହା ଶୁଣି ନପାରେ । ମାତ୍ର ତୁମ୍ଭମାନଙ୍କର ଅପରାଧସବୁ, ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କ ପରମେଶ୍ୱରଙ୍କ ମଧ୍ୟରେ ବିଚ୍ଛେଦ ଘଟାଇଅଛି ଓ ତୁମ୍ଭମାନଙ୍କର ପାପ ସବୁ ତୁମ୍ଭମାନଙ୍କ ଠାରୁ ତାହାଙ୍କ ମୁଖ ଲୁଚାଇଅଛି, ଏଥିପାଇଁ ସେ ଶୁଣିବେ ନାହିଁ ।'' (ଯିଶାଇୟ ୫୯:୧,୨) । ଈଶ୍ୱର ଆମ୍ଭମାନଙ୍କ ପିତା ଓ ଆମ୍ଭେମାନେ ତାହାଙ୍କ ସନ୍ତାନ ନହେଲେ ତାହାଙ୍କ ଠାରେ ଆମ୍ଭେମାନେ କିପରି ଆମ୍ଭମାନଙ୍କ ନିବେଦନ ଜଣାଇପାରିବା ? ଅଖ୍ରୀଷ୍ଟିୟାନମାନଙ୍କ ପ୍ରାର୍ଥନା ଯଦି ତାହାଙ୍କ ଗ୍ରହଣଯୋଗ୍ୟ ହୁଏ, ଖ୍ରୀଷ୍ଟିୟାନ ହେବାରେ ଅଧିକା ଲାଭ କଅଣ ?

ଦ୍ୱିତୀୟରେ, ଧାର୍ମିକ ଓ ବିଶ୍ୱସ୍ତ ଈଶ୍ୱରଙ୍କ ସନ୍ତାନମାନଙ୍କ ପ୍ରାର୍ଥନା ଈଶ୍ୱର ଶୁଣନ୍ତି ବୋଲି ତାହାଙ୍କ ବାକ୍ୟ କହେ । ପ୍ରେରିତ ପିତର ସେ ସୁସମାଚାର ଖ୍ରୀଷ୍ଟିୟାନମାନଙ୍କୁ ଲେଖନ୍ତି,''କାରଣ ଧାର୍ମିକମାନଙ୍କ ପ୍ରତି ପ୍ରଭୁଙ୍କ ଦୃଷ୍ଟି ଅଛି । ସେମାନଙ୍କ ବିନତି ପ୍ରତି ତାହାଙ୍କ କର୍ଣ୍ଣ ଉନ୍ମୁକ୍ତ ଅଟେ, କିନ୍ତୁ ପ୍ରଭୁଙ୍କର ମୁଖ ଦୁଷ୍କର୍ମକାରୀମାନଙ୍କ ପ୍ରତିକୂଳ ।'' (୧ମ ପିତର ୩:୧୨) । ପାପରେ ପତିତ ଖ୍ରୀଷ୍ଟିୟାନମାନେ ତାହାଙ୍କ ନିକଟରେ ପ୍ରାର୍ଥନା କଲେ, ସେ ପାପକ୍ଷମା କରିବାକୁ ପ୍ରେମମୟ ଓ କୃପାବାନ ପରମେଶ୍ୱର ଅଟନ୍ତି । ଯାକୁବଙ୍କ ଭାଷାରେ, ''ଅତଏବ, ପରସ୍ପର ନିକଟରେ ଆପଣା ଆପଣାର ପାପ ସ୍ୱୀକାର କର, ପୁଣି ସୁସ୍ଥ ହେବା ନିମନ୍ତେ ପରସ୍ପର ପାଇଁ ପ୍ରାର୍ଥନା କର । ଧାର୍ମିକ ବ୍ୟକ୍ତିର ପ୍ରାର୍ଥନା ଅନେକ କାର୍ଯ୍ୟ ସାଧନ କରିପାରେ ।'' (ଯାକୁବ ୫:୧୬) । ଫିଲିପଙ୍କ ପ୍ରଚାରରେ ଶମିରୋଣରେ ଅନେକ ଖ୍ରୀଷ୍ଟିୟାନ ହୋଇଥିଲେ । ପ୍ରେରିତ ପିତର ଓ ଯୋହନଙ୍କ ହସ୍ତାର୍ପଣ ଦ୍ୱାରା ସେମାନେ ପବିତ୍ର ଆତ୍ମାଙ୍କ ଶକ୍ତିରେ ପରିପୂର୍ଣ୍ଣ ହେବା ସେଠାରେ ଥିବା ଶିମୋନ ଦେଖି, ସେହି ଶକ୍ତି ସେ ଟଙ୍କା ଦେଲେ କିଣିବା ପାଇଁ ଇଚ୍ଛା ପ୍ରକାଶ କଲେ । ସେଥିରେ ପିତର ଉତ୍ତର ଦେଲେ,''ତୁମ୍ଭର ଟଙ୍କା ତୁମ୍ଭ ସହିତ ବିନଷ୍ଟ ହେଉ, କାରଣ ତୁମ୍ଭେ ଟଙ୍କା ଦ୍ୱାରା ଈଶ୍ୱରଙ୍କ ଦାନ କିଣିବାକୁ ଭାବିଲ, ଏ ବିଷୟରେ ତୁମ୍ଭର ଅଂଶ ନାହିଁ କି ଅଧିକାର ନାହିଁ, କାରଣ ଈଶ୍ୱରଙ୍କ ସାକ୍ଷାତରେ ତୁମ୍ଭର ହୃଦୟ ସରଳ ନୁହେଁ । ଅତଏବ, ତୁମ୍ଭର ଏହି ଦୁଷ୍ଟପଣରୁ ମନପରିବର୍ତ୍ତନ କରି ପ୍ରଭୁଙ୍କ ଠାରେ ପ୍ରାର୍ଥନା କର, କେଜାଣି ଅବା ତୁମ୍ଭ ହୃଦୟର କଳ୍ପନା କ୍ଷମା ହୋଇପାରେ । କାରଣ ତୁମ୍ଭେ ତିକ୍ତ ବିଷୟରେ ପରିପୂର୍ଣ୍ଣ ହୋଇ ଅଧର୍ମରୂପ ବନ୍ଧନରେ ଆବଦ୍ଧ ଅଛ ବୋଲି ମୁଁ

ଦେଖୁଅଛି । ସେଥିରେ ଶିମୋନ ଉତ୍ତର କଲା, ଆପଣମାନେ ଯାହା ଯାହା କହିଲେ ସେଥିରୁ କୌଣସି ବିଷୟ ଯେପରି ମୋ ପ୍ରତି ନ ବର୍ତ୍ତେ, ଏଥିପାଇଁ ଆପଣମାନେ ମୋ ନିମନ୍ତେ ପ୍ରଭୁଙ୍କ ଛାମୁରେ ପ୍ରାର୍ଥନା କରନ୍ତୁ ।'' (ପ୍ରେରିତ ୮:୨୦-୨୪) । ମନପରିବର୍ତ୍ତନ ନକରି ପାପ କ୍ଷମା ନ ମାଗି ଶିମୋନ କି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିପାରିଥାନ୍ତେ ? ତାହାଙ୍କ ଇଚ୍ଛା ପାଳନକାରୀମାନେ ସାହସ ସହିତ ପ୍ରାର୍ଥନାରେ ତାହାଙ୍କ ନିକଟବର୍ତ୍ତୀ ହୋଇଥାନ୍ତି ।

ତୃତୀୟରେ କେତୋଟି ସର୍ତ୍ତ ପାଳନ କଲେ ହେଁ ଈଶ୍ୱର ଆମ୍ଭମାନଙ୍କ ପ୍ରାର୍ଥନା ଶୁଣନ୍ତି ବୋଲି ଈଶ୍ୱରଙ୍କ ବାକ୍ୟରୁ ଆମ୍ଭେମାନେ ଜାଣିପାରୁ । ଉଦାହରଣ ସ୍ୱରୂପ, ସେ କହନ୍ତି, ''ଯଦି ତୁମ୍ଭେମାନେ ମୋ ନାମରେ କୌଣସି ବିଷୟ ମୋତେ ମାଗିବ, ମୁଁ ତାହା କରିବି । ଯଦି ତୁମ୍ଭେମାନେ ମୋତେ ପ୍ରେମକର, ତାହାହେଲେ ମୋହର ଆଜ୍ଞା ସବୁ ପାଳନ କରିବ ।'' (ଯୋହନ ୧୪:୧୪,୧୫) ତାହାଙ୍କୁ ପ୍ରେମକାରୀ ସମସ୍ତେ ତାହାଙ୍କ ଆଜ୍ଞାଗୁଡ଼ିକ ପାଳନ କରନ୍ତି ଓ ସେମାନଙ୍କ ନିବେଦନ ଈଶ୍ୱରଙ୍କ ନିକଟରେ ଗ୍ରାହ୍ୟଯୋଗ୍ୟ । ପୁନର୍ବାର ଯୀଶୁ ଯୋହନ ୧୫:୭ ପଦରେ କହନ୍ତି,''ଯଦି ତୁମ୍ଭେମାନେ ମୋ ଠାରେ ରୁହ, ଆଉ ମୋହର ବାକ୍ୟ ତୁମ୍ଭମାନଙ୍କ ଠାରେ ରୁହେ, ତାହାହେଲେ ଯେକୌଣସି ବିଷୟ ଇଚ୍ଛାକର, ତାହା ମାଗ, ଆଉ ତୁମ୍ଭମାନଙ୍କ ନିମନ୍ତେ ତାହା ସାଧିତ ହେବ ।'' (ମାଥିଉ ୧୫:୭) । ଯୀଶୁଖ୍ରୀଷ୍ଟ ତାହାଙ୍କର ଏହି ବାକ୍ୟଗୁଡ଼ିକରେ 'ଯଦି' ପଦର ବ୍ୟବହାର କରିଅଛନ୍ତି, ଆଉ ତାହାଙ୍କ ସର୍ତ୍ତ ସବୁ ପାଳନ କଲେ ସେ ଆମ୍ଭମାନଙ୍କ ଆବଶ୍ୟକତା ପୂରଣ କରିବେ । ଯେ ଈଶ୍ୱରଙ୍କ ଠାରେ ଥାଏ ଓ ଯାହାଙ୍କ ଠାରେ ଈଶ୍ୱରଙ୍କ ବାକ୍ୟ ଥାଏ ସେ ତ ଈଶ୍ୱରଙ୍କ ସନ୍ତାନ । ପର୍ବତ ଉପଦେଶରେ ଯୀଶୁଖ୍ରୀଷ୍ଟ କହନ୍ତି,''ତୁମ୍ଭେମାନେ ଦୁଷ୍ଟହେଲେ ସୁଦ୍ଧା ଯେବେ ଆପଣା ଆପଣା ପିଲାମାନଙ୍କୁ ଉତ୍ତମ ଉତ୍ତମ ଦାନ ଦେଇ ଜାଣ, ତେବେ ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ତାହାଙ୍କ ଛାମୁରେ ମାଗିବା ଲୋକଙ୍କୁ କେତେ ଅଧିକ ରୂପେ ଉତ୍ତମ ଉତ୍ତମ ବିଷୟ ନଦେବେ ?'' (ମାଥିଉ ୭:୧୧) ।

ଶେଷରେ, ୧ମ ଯୋହନ ୫:୧୪,୧୫ ପଦ ଦ୍ୱାରା ଈଶ୍ୱର ତାହାଙ୍କ ଇଚ୍ଛାନୁଯାୟୀ ପ୍ରାର୍ଥନା ଶୁଣନ୍ତି ବୋଲି ସ୍ପଷ୍ଟଭାବେ କୁହାଯାଇଅଛି । କ୍ଷତିଜନକ କୌଣସି ପଦାର୍ଥ ପିତା ଆପଣା ପୁତ୍ରକୁ ଦିଅନ୍ତି ନାହିଁ । ମଙ୍ଗଳଦାୟକ କୌଣସି ଆଶୀଷ ପିତା ଆପଣା ପୁତ୍ରଠାରୁ ଅଟକାନ୍ତି ନାହିଁ । ସେହିପରି ଆମ୍ଭମାନଙ୍କ ସର୍ବଜ୍ଞାନୀ, ପ୍ରେମମୟ

ସ୍ୱର୍ଗସ୍ଥ ପିତା ଆମ୍ଭମାନଙ୍କ ସମସ୍ତ ଉତ୍ତମ ଦାନରେ ଅନୁଗ୍ରହ କରନ୍ତି । ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି, "ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଂକଳ୍ପ ଅନୁସାରେ ଆହୂତ ହୋଇ ଅଛନ୍ତି, ଈଶ୍ୱର ଯେ ସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳ ସାଧନ କରନ୍ତି, ଏହା ଆମ୍ଭେମାନେ ଜାଣୁ ।" (ରୋମୀୟ ୮:୨୮)

ଖ୍ରୀଷ୍ଟିୟାନମାନଙ୍କ ମଙ୍ଗଳ ଚିନ୍ତା କରିବା ନିମନ୍ତେ ପ୍ରେମମୟ ଓ କୃପାମୟ ସ୍ୱର୍ଗସ୍ଥ ପିତା ଅଛନ୍ତି । ପିତା ଯେପରି ଆପଣା ସନ୍ତାନମାନଙ୍କ ପ୍ରତି ପ୍ରେମ କରଇ, ସଦାପ୍ରଭୁ ଆପଣା ଭୟକାରୀମାନଙ୍କ ପ୍ରତି ସେ ରୂପେ ସ୍ନେହ ବହନ୍ତି । କ୍ଳାନ୍ତ ନହୋଇ ପ୍ରାର୍ଥନା କରିବା ନିମନ୍ତେ ଯୀଶୁ ଲୂକ ୧୮:୧ ପଦରେ କହିଅଛନ୍ତି । ପାଉଲ ଥେସଲନୀକୀ ମଣ୍ଡଳୀକୁ ନିରନ୍ତର ପ୍ରାର୍ଥନା କରିବା ନିମନ୍ତେ ଉତ୍ସାହିତ କରନ୍ତି । (୧ମ ଥେସଲନୀକୀ ୫:୧୭) ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ ପ୍ରାର୍ଥନା କରିବାରେ ନିବିଷ୍ଟ ଥିଲେ ପବିତ୍ର ଆତ୍ମା ସାକ୍ଷ୍ୟ ଦିଅନ୍ତି । (ପ୍ରେରିତ ୨:୪୨) । ପୀଡ଼ିତ ଲୋକମାନଙ୍କୁ ପ୍ରାର୍ଥନା କରିବା ନିମନ୍ତେ ଯାକୁବ ଆପଣା ପତ୍ରର ୫ ପର୍ବ ପଦରେ ଉଲ୍ଲେଖିତ କରିଅଛନ୍ତି କାରଣ ଧାର୍ମିକ ମାନଙ୍କ ପ୍ରାର୍ଥନା ଅନେକ କାର୍ଯ୍ୟ ସାଧନ କରିପାରେ (ଯାକୁବ ୫:୧୬) । ଆମ୍ଭମାନଙ୍କ ଓ ସ୍ୱର୍ଗସ୍ଥ ପିତାଙ୍କ ମଧ୍ୟସ୍ଥ, ଆମ୍ଭମାନଙ୍କ ସପକ୍ଷବାଦୀ ଓ ମହାଯାଜକଙ୍କ ଦ୍ୱାରା ଆମ୍ଭମାନଙ୍କ ସମସ୍ତ ବିନତି ଅର୍ପଣ କରିବା ନିମନ୍ତେ ଈଶ୍ୱରଙ୍କ ବାକ୍ୟ ସ୍ପଷ୍ଟ ଭାବେ ଜଣାଇ ଦିଏ । (୧ମ ଯୋହନ ୨:୧,୧, ତୀମଥି ୨:୫, ଏବ୍ରୀ ୩:୧) ।

ପ୍ରାର୍ଥନା ଖ୍ରୀଷ୍ଟିୟ ଜୀବନର ଏକ ପ୍ରଧାନ ମୂଳାଧାର । ପ୍ରାର୍ଥନା ବ୍ୟତୀତ ଆମ୍ଭେମାନେ ଆତ୍ମିକ ଜୀବନରେ ଅଭିବୃଦ୍ଧି କରିନପାରୁ । ପରମେଶ୍ୱରଙ୍କ ଇଚ୍ଛାନୁଯାୟୀ ପ୍ରାର୍ଥନାହିଁ ତାହାଙ୍କ ଗ୍ରହଣଯୋଗ୍ୟ । ଈଶ୍ୱରଙ୍କ ବାକ୍ୟ ଧ୍ୟାନ କଲେ ତାହାଙ୍କ ଇଚ୍ଛା ଆମ୍ଭେମାନେ ଜାଣିପାରିବା । ଅନେକ ସମୟରେ ଆମ୍ଭେମାନେ କିପରି ପ୍ରାର୍ଥନା କରିବା ଆବଶ୍ୟକ ଜାଣିନଥାଉଁ । ତଦ୍ୱାରା ଆମ୍ଭମାନଙ୍କ ପ୍ରାର୍ଥନା ଦୁର୍ବଳ ଓ ନିସାର ହୋଇଥାଏ । ଈଶ୍ୱର ଆପଣା ବାକ୍ୟଦ୍ୱାରା ଆମ୍ଭମାନଙ୍କ ସହିତ କଥା କହୁଅଛନ୍ତି, ଆମ୍ଭେମାନେ ତାହାଙ୍କ ସହିତ କଥା କହିବାର ଏକମାତ୍ର ମାର୍ଗ ପ୍ରାର୍ଥନା । ପ୍ରାର୍ଥନା ଆମ୍ଭମାନଙ୍କ ଜୀବନର ଏକ ପ୍ରଧାନ ବର, ଆସ ଆମ୍ଭେମାନେ ତାହା ଦ୍ୱାରା ଈଶ୍ୱରଙ୍କ ନିକଟବର୍ତ୍ତୀ ହେଉଁ ।

*- J.C. Choate*

# ମୋ ପିତାଙ୍କ ଗୃହରେ
## (In my father's House)

ହଜିଯାଇଥିବା ଏକ ମେଣ୍ଢା, ହଜି ଯାଇଥିବା ଏକ ମୁଦ୍ରା ଓ ହଜି ଯାଇଥିବା ଏକ ପୁତ୍ରର ଯୀଶୁଖ୍ରୀଷ୍ଟଙ୍କ ବ୍ୟକ୍ତ କାହାଣୀ ଲୂକ ୧୫ ପର୍ବରେ ପଢ଼ିଥାଉ । ଜଣେ ବ୍ୟକ୍ତିଙ୍କର ଦୁଇଟି ପୁତ୍ର ଥିଲେ । ସାନପୁଅ ଆପଣା ଭାଗର ସମସ୍ତ ସମ୍ପତ୍ତି ନେଇ ଦୂର ଦେଶ ଯାଇ କଦାଚାରରେ ଉଡ଼ାଇଦେଲା । ସମସ୍ତ ଅପବ୍ୟୟ କଲା ପରେ ସେ ଦେଶରେ ମହାଦୁର୍ଭିକ୍ଷ ପଡ଼ିଲା । ତାହାର ଅଭାବ ହେବାରୁ ସେ ଘୁଷୁରି ଚରାଇ, ଘୁଷୁରି ଖାଇବା ଶିମ ଖାଇବାକୁ ବି ଇଚ୍ଛା କଲେ ସୁଦ୍ଧା ତାହା ପାଇଲା ନାହିଁ । "ମାତ୍ର ସେ ଚେତନା ପାଇ କହିଲା, ମୋର ବାପାଙ୍କ କେତେ ମୂଲିଆଙ୍କର ଖାଦ୍ୟ ବଳିପଡୁଅଛି, କିନ୍ତୁ ମୁଁ ଏଠାରେ ଭୋକରେ ମରୁଅଛି, ମୁଁ ଉଠି ମୋର ବାପାଙ୍କ ପାଖକୁ ଯିବି.......ସେଥିରେ ସେ ଉଠି ଆପଣା ପିତାଙ୍କ ନିକଟକୁ ଗଲା କିନ୍ତୁ ସେ ଦୂରରେ ଥାଉ ଥାଉ ତାହାର ପିତା ତାହାକୁ ଦେଖି ଦୟାରେ ବିଗଳିତ ହେଲେ ଓ ଦୌଡ଼ିଯାଇ ତାହାକୁ ଆଲିଙ୍ଗନ କରି ଅତି ସ୍ନେହରେ ଚୁମ୍ବନ କଲେ ।..........ପିତା ଆପଣା ଦାସମାନଙ୍କୁ କହିଲେ, ସବୁଠାରୁ ଭଲ ଲୁଗା ଚଞ୍ଚଳ ଘେନି ଆସି ଏହାକୁ ପିନ୍ଧାଅ, ଏହାର ହାତରେ ମୁଦି ଓ ପାଦରେ ପାଦୁକା ଦିଅ, ପୁଣି ମୋଟା ବାଛୁରୀଟି ଆଣି ମାର, ଆସ, ଆମ୍ଭେମାନେ ଭୋଜନ କରି ଉତ୍ସବ କରୁ ।" (ଲୂକ ୧୫:୧୭-୨୩)

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟ ଏହି ପ୍ରେମମୟ ପିତାଙ୍କ କାହାଣୀ ଶୁଣାଇଥିଲେ, ଯେହେତୁ ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ଆମ୍ଭମାନଙ୍କୁ ସେପରି ଭାବେ ପ୍ରେମ କରନ୍ତି । ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କ ଗୃହରେ ଅନେକ ଖାଦ୍ୟ ବଳି ପଡୁଅଛି । ଆମ୍ଭେମାନେ ତାହାଙ୍କ ଠାରୁ ଦୂରରେ ରହି ଅନାହାରରେ କଷ୍ଟ ପାଉଛୁ । ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ଆମ୍ଭମାନଙ୍କୁ ପ୍ରତ୍ୟେକ ବିଷୟ ବିପୁଳ ଭାବେ ଦାନ କରନ୍ତି, "ସମସ୍ତ ଉତ୍ତମ ଦାନ ଓ ସିଦ୍ଧ ବର ଉର୍ଦ୍ଧ୍ବରୁ ଅର୍ଥାତ୍ ଜ୍ୟୋତିଗଣର ପିତାଙ୍କ ଠାରୁ ଆସେ, ଯାହାଙ୍କ ଠାରେ କୌଣସି ପରିବର୍ତ୍ତନ ବା ଲେଶମାତ୍ର ବିକାର ନାହିଁ ।" (ଯାକୁବ ୧:୧୭) । ସୈନ୍ୟାଧିପତି ସଦାପ୍ରଭୁ ମାନବକୁ ସୃଷ୍ଟି କରି ଭୂମିସ୍ଥ ସବୀଜ ଶାକ, ସବୀଜ ଫଳଦାୟକ ବୃକ୍ଷ, ସମସ୍ତ ପଶୁ, ଖେଚର ପକ୍ଷୀ, ହରିତ ଶାକ ଖାଦ୍ୟ ରୂପେ ଦେଇଥିଲେ । ଆପଣା ବନ୍ଧୁ ଅବ୍ରାହମଙ୍କୁ କେବଳ ଏକ ଭୂମି ନୁହେଁ, କିନ୍ତୁ ଏକ ମହାନ୍ ଦୁଗ୍ଧପ୍ରବାହୀ ଦେଶ

ପ୍ରତିଜ୍ଞା କରିଥିଲେ । ନିଃସନ୍ତାନ ଥିବା ଅବ୍ରାହମଙ୍କୁ ଏକ ମକହାଗୋଷ୍ଠୀ ହେବା ନିମନ୍ତେ ଆଶୀର୍ବାଦ କରିଥିଲେ ।

ଇଶ୍ରାଏଲ୍ ଦେଶରେ ଦୁର୍ଭିକ୍ଷ ହେବା ସମୟରେ ସଦାପ୍ରଭୁ ଏଲିୟଙ୍କୁ ସାରିଫଗତ ଏକ ବିଧବା ନିକଟକୁ ପ୍ରେରଣ କରିଥିଲେ । ସେହି ବିଧବାର କଳସରେ ମୁଠିଏ ମଇଦା ଓ ପାତ୍ରରେ ଅଳ୍ପ ତେଲ ଥିଲା । ଏଲିୟ ତାହାକୁ କହିଲେ,"........ମାତ୍ର ତହିଁରୁ ପ୍ରଥମେ ମୋ' ପାଇଁ ଗୋଟିଏ ସାନ ପିଠା କରି ମୋ' କତିକି ଆଣ, ତହିଁ ଉତ୍ତାରେ ତୁମ୍ଭ ପାଇଁ ଓ ତୁମ୍ଭ ପୁତ୍ର ପାଇଁ କର । କାରଣ ସଦାପ୍ରଭୁ ଇଶ୍ରାଏଲ୍, ସଦାପ୍ରଭୁ ଇଶ୍ରାଏଲ୍‌ର ପରମେଶ୍ୱର ଏହି କଥା କହନ୍ତି, ଯେ ପର୍ଯ୍ୟନ୍ତ ସଦାପ୍ରଭୁ ଭୂମିରେ ବୃଷ୍ଟି ନ ବର୍ଷାନ୍ତି, ସେଦିନ ପର୍ଯ୍ୟନ୍ତ ମଇଦା-କଳସ ତ ଶୂନ୍ୟ ହେବ ନାହିଁ, କିଅବା ପାତ୍ରରେ ତୈଳର ଅଭାବ ହେବ ନାହିଁ । ତହିଁରେ ସେ ଯାଇ ଏଲିୟଙ୍କ ବାକ୍ୟାନୁସାରେ କଲା, ପୁଣି ସେ ଓ ଏଲିୟ ଓ ସେହି ସ୍ତ୍ରୀର ପରିଜନ ଅନେକ ଦିନ ଯାଏ ଭୋଜନ କଲେ ।" (୧ମ ରାଜାବଳି ୧୭:୧୩-୧୫) ସଦାପ୍ରଭୁ ଯାହା ଦିଅନ୍ତି, ସମ ବୃଦ୍ଧି ଭାବେ ଦିଅନ୍ତି ।

ଥରେ ଯୀଶୁଖ୍ରୀଷ୍ଟ ବହୁଜନ ସମାଜକୁ (ପାଞ୍ଚ ହଜାର ପୁରୁଷ, ଅନେକ ସ୍ତ୍ରୀ ଓ ବାଳକବାଳିକାମାନଙ୍କୁ ପାଞ୍ଚ ରୋଟୀ ଦୁଇ ସାନ ମାଛ ଦ୍ୱାରା ଖାଦ୍ୟ ପରିବେଷଣ କରିଥିଲେ । ସମସ୍ତେ ତୃପ୍ତ ଭାବେ ଭୋଜନ କଲା ପରେ, ଶିଷ୍ୟମାନେ ଭଙ୍ଗା ରୋଟୀ ବାର ଟୋକେଇ ଭର୍ତ୍ତି କଲେ । (ମାଥିଉ ୧୪:୧୫-୨୦) ସ୍ତ୍ରୀ ଓ ପିଲାମାନଙ୍କ ଛଡ଼ା ଚାରି ହଜାର ପୁରୁଷ ସାତୋଟି ରୋଟୀ ଓ କେତୋଟି ସାନ ମାଛ ଦ୍ୱାରା ତୃପ୍ତ ଭାବେ ଭୋଜନ କଲା ପରେ, ଭଙ୍ଗା ରୋଟୀ ସାତ ବେତ ଉଠାଇ ଭର୍ତ୍ତି କଲେ ।

ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କ ଗୃହରେ ଅନେକ ଆହାର ଅଛି । ଆମ୍ଭେମାନେ ତାହାଙ୍କ ଠାରୁ ଦୂରରେ ରହିଲେ ଅନାହାରରେ କଷ୍ଟ ପାଇବୁ ।

ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କ ଗୃହରେ ଅନେକ ବାସସ୍ଥାନ ଅଛି । (ଯୋହନ ୧୪:୨), ତାହାଙ୍କ ଆଜ୍ଞା ପାଳନ କଲେ ଆମ୍ଭେମାନେ ସେଠାରେ ସ୍ଥାନ ପାଇବା । ତାହାଙ୍କ ଗୃହରୁ ଦୂରରେ ରହିଲେ, ଆମ୍ଭେମାନେ ବାସହରା ହେବା ।

ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ଜ୍ଞାନର ଭଣ୍ଡାର । ତାହାଙ୍କ ଠାରୁ ଦୂରରେ ରହିବା ବୁଦ୍ଧିହୀନତାର କର୍ମ । "କିନ୍ତୁ ତୁମ୍ଭମାନଙ୍କ ମଧ୍ୟରୁ ଯେବେ କାହାର ଜ୍ଞାନର ଅଭାବ ଥାଏ, ତେବେ ଯେଉଁ ଈଶ୍ୱର ଦୋଷ ନ ଧରି ମୁକ୍ତ ହସ୍ତରେ ସମସ୍ତଙ୍କୁ ଦାନ କରନ୍ତି,

ତାହାଙ୍କ ଛାମୁରେ ସେ ପ୍ରାର୍ଥନା କରୁ, ସେଥିରେ ତାହାକୁ ନିଆଯିବ ।'' (ଯାକୁବ ୧:୫)

ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କ ଠାରେ ପରିତ୍ରାଣ ଅଛି । ତାହାଙ୍କ ଠାରୁ ଦୂରରେ ରହି ଆମ୍ଭେମାନେ ବିନଷ୍ଟ ହେବା । ''ଦେଖ, ସଦାପ୍ରଭୁଙ୍କର ହସ୍ତ ଛୋଟ ହୋଇଯାଇନାହିଁ ଯେ, ତାହା ପରିତ୍ରାଣ କରିନପାରେ.......'' (ଯିଶାଇୟ ୫୯:୧) ତାହାଙ୍କ ଠାରେ ବିପୁଳ ଭାବେ କ୍ଷମା ଅଛି, ତାହାଙ୍କ ଠାରୁ ଦୂରରେ ରହିଲେ, ପାପରୁ କ୍ଷମା ପାଇ ପାରିବା ନାହିଁ । ''ଦୁଷ୍ଟ ଆପଣାର ପଥ ଓ ଅଧାର୍ମିକ ଆପଣା ସଂକଳ୍ପରୁ ପରିତ୍ୟାଗ କରୁ, ପୁଣି ସେ ସଦାପ୍ରଭୁଙ୍କ ପ୍ରତି ଫେରୁ, ତହିଁରେ ସେ ତାହାକୁ ଦୟା କରିବେ, ଆଉ, ସେ ଆମ୍ଭମାନଙ୍କର ପରମେଶ୍ୱରଙ୍କ ପ୍ରତି ଫେରୁ, କାରଣ ସେ ବହୁଳ ରୂପରେ କ୍ଷମା କରିବେ ।'' (ଯିଶାଇୟ ୫୫:୭)

ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କ ପିତାଙ୍କ ଗୃହରେ ''ଅତ୍ୟଧିକ ଅନୁଗ୍ରହ'' (୨ କରିନ୍ଥୀ ୪:୧୫), ''ପ୍ରଚୁର ଅନୁଗ୍ରହ ଓ ଶାନ୍ତି'' (୧ମ ପିତର ୧:୩, ତିତସ ୩:୫,୬) ପ୍ରାପ୍ତ ହୁଏ । ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟ ଆମ୍ଭେମାନେ ଯେପରି ପ୍ରଚୁର ଭାବେ ଜୀବନ ପାଉ, ଏଥି ନିମନ୍ତେ ଏହି ଜଗତକୁ ଆସିଥିଲେ । ''.....ସେମାନେ ଯେପରି ଜୀବନ ପାଆନ୍ତି ଓ ପ୍ରଚୁର ଭାବରେ ପାଆନ୍ତି, ଏଥି ନିମନ୍ତେ ମୁଁ ଆସିଅଛି ।'' (ଯୋହନ ୧୦:୧୦) ଆମ୍ଭମାନଙ୍କ ପିତା ପରମେଶ୍ୱର ଓ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟ ଠାରେ ଜୀବନ ଅଛି, ତାହାଙ୍କ ଠାରୁ ଦୂରରେ ରହିଲେ, ଆମ୍ଭେମାନେ ମୃତ ତୁଲ୍ୟ ।

ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କ ଗୃହରେ, ଖାଦ୍ୟ, ବସତି, ପ୍ରେମ, ଅନୁଗ୍ରହ, ଶାନ୍ତି, ପାପକ୍ଷମା, ଆନନ୍ଦ, ପରିତ୍ରାଣ ଓ ଜୀବନ ବିପୁଳ ଭାବେ ପ୍ରାପ୍ତ ହୋଇପାରିବା । ତାହାଙ୍କ ଠାରୁ, ତାହାଙ୍କ ଗୃହ ବା ତାହାଙ୍କ ମଣ୍ଡଳୀ (୧ମ ତୀମଥି ୩:୧୫) ଠାରୁ ଦୂରରେ ରହିଲେ, ସମସ୍ତ ଆଶୀର୍ବାଦ ଠାରୁ ବଞ୍ଚିତ ହେବୁ । ଦାଉଦ କହନ୍ତି, ''ସଦାପ୍ରଭୁ ମୋହର ପ୍ରତିପାଳକ ମୋହର ଅଭାବ ହେବ ନାହିଁ.........ତୁମ୍ଭେ ତୈଳରେ ମୋ ମସ୍ତକ ସିକ୍ତ କରିଅଛ, ମୋ ପାନପାତ୍ର ଉଚ୍ଛୁଳି ପଡୁଅଛି । ନିଶ୍ଚୟ ମଙ୍ଗଳ ଓ ଦୟା ମୋହର ଜୀବନଯାଏ ମୋହର ପଶ୍ଚାଦ୍‌ଗାମୀ ହେବ, ପୁଣି ମୁଁ ସର୍ବଦା ସଦାପ୍ରଭୁଙ୍କ ଗୃହରେ ବାସ କରିବି ।'' (ଗୀତ ୨୩:୧-୬)

**- *Kabita Gootum***

❋❋❋

# ଦର୍କା

## (Dorcas - who intevrupted her own funeral)

ଯାଫୋରେ ନାମକ ନଗରରେ ଟବୀଥା ନାମ୍ନୀ ଏକ ମହିଳା ଥିଲେ, ଅନୁବାଦ କଲେ ଏହି ନାମର ଅର୍ଥ ଦର୍କା ବା ହରିଣୀ । ସତ୍‌କର୍ମ ଓ ଦାନକ୍ରିୟାରେ ସୁପରିଚିତ ଦର୍କା ପୀଡ଼ିତ ହୋଇ ପ୍ରାଣତ୍ୟାଗ କରିବାରୁ ତାହାଙ୍କ ବନ୍ଧୁମାନେ ପ୍ରେରିତ ପିତରଙ୍କୁ ଖବର ପଠାଇ ଯଫୋକୁ ଅଣାଇଲେ । ସମାଧି ନିମନ୍ତେ ପ୍ରସ୍ତୁତ କରାଯାଉଥିବା ଦର୍କାଙ୍କ ଶରୀରକୁ ପିତର ପୁର୍ନଜୀବିତ କରିବାର ବିବରଣୀ ଆମ୍ଭେମାନେ ପ୍ରେରିତ ୯:୩୬-୪୩ ପଦଗୁଡ଼ିକରେ ପଢ଼ିପାରୁ । ଦର୍କାଙ୍କ ଧାର୍ମିକତା ତାହାଙ୍କୁ ପୁର୍ନଜୀବିତ କରିନଥିଲା । କାରଣ କୌଣସି ଧାର୍ମିକ ବ୍ୟକ୍ତି ଆପଣା ଧାର୍ମିକତା ଯୋଗୁଁ ପୁର୍ନଜୀବିତ ହେବା ବିଷୟ ବାଇବଲ ବ୍ୟତୀତ ଆଉ କୌଣସି ପୁସ୍ତକରେ ଲିଖିତ ହୋଇନାହିଁ । ୨ୟରେ ଈଶ୍ୱର ଭକ୍ତ ପ୍ରତ୍ୟେକ ବ୍ୟକ୍ତି ଇହଜଗତରୁ ପାରଦୀଶରେ ରହିବା ଅଧିକ ଶ୍ରେଷ୍ଠତର ମନେ କରନ୍ତି । ତେବେ ପ୍ରେରିତ ପିତର ତାହାଙ୍କୁ କାହିଁକି ମୃତ୍ୟୁରୁ ପୁର୍ନଜୀବିତ କରିଥିଲେ ? ମୃତ୍ୟୁଞ୍ଜୟୀ ଈଶ୍ୱରଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭେମାନେ ମୃତ୍ୟୁକୁ ଜୟକରି ପାରିବା ବୋଲି ସେଠାରେ ଉପସ୍ଥିତ ଲୋକମାନଙ୍କୁ ଜଣାଇବା ନିମନ୍ତେ ସେ ଦର୍କାଙ୍କ ଜୀବନ ନିମନ୍ତେ ପ୍ରାର୍ଥନା କରିଥିଲେ

**I.** (୧) ଦୀର୍ଘକାଳ ଜୀବନ ମନୁଷ୍ୟର ପ୍ରକୃତ ଜୀବନର ପରିମାଣ ନୁହେଁ । ପୁରାତନ ନିୟମର ସମୟରେ ଅନେକ ଦୀର୍ଘକାଳ ପର୍ଯ୍ୟନ୍ତ ଜୀବିତ ଥିଲେ ସୁଦ୍ଧା କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିନଥିଲେ । (୨) ଏହି ଜାଗତିକଭାବେ ସମ୍ପତ୍ତିଶାଳୀ ବ୍ୟକ୍ତିମାନେ ମଧ୍ୟ ପ୍ରକୃତ ଜୀବନର ଅଧିକାରୀ ନୁହନ୍ତି । ''........କାରଣ ଜଣେ ଲୋକର ଜୀବନ ତାହାର ସମ୍ପତ୍ତିର ପ୍ରାଚୁର୍ଯ୍ୟ ଉପରେ ନିର୍ଭର କରେ ନାହିଁ ।'' (ଲୂକ ୧୨:୧୫) । ଅପାର ସମ୍ପତ୍ତି, ସମ୍ଭ୍ରବ ଗୌରବର ଅଧିକାରୀ ମହାରାଜା ଜ୍ଞାନୀ ଶଲୋମନ ଜାଗତିକ ସବୁ ବିଷୟ ଅସାର ବୋଲି ଆପଣା ନୀତିବାକ୍ୟରେ କହିଅଛନ୍ତି । (୩) ଅନ୍ୟମାନଙ୍କ ଜୀବନ ସହିତ ଆମର ଜୀବନ ସହିତ ତୁଳନା କରି ଆପଣାକୁ ଶ୍ରେଷ୍ଠତର ମନେକରିବା ମୂର୍ଖତାର ବିଷୟ । ପ୍ରେରିତ ପାଉଲଙ୍କ ଭାଷାରେ, ''କାରଣ ଯେଉଁମାନେ ଆତ୍ମପ୍ରଶଂସା କରନ୍ତି ସେମାନଙ୍କ ମଧ୍ୟରୁ କାହାରି ସାଙ୍ଗରେ ଆପଣା ଆପଣାକୁ ଗଣନା ବା ତୁଳନା

କରିବାକୁ ଆମ୍ଭେମାନେ ସାହସ କରୁନାହିଁ, କିଛି ସେମାନେ ନିଜେ ନିଜେ ଆପଣା ଆପଣାମାନଙ୍କ ଦ୍ୱାରା ଆପଣା ଆପଣାର ପରିମାଣ ଓ ଆପଣା ଆପଣାର ତୁଳନା କରି ସର୍ବୋଧତା ପ୍ରକାଶ କରନ୍ତି ।'' (୨ୟ କରିନ୍ଥୀ ୧୦:୧୨) । ଓସାର ଓ ସମସ୍ତ ପଥ ସର୍ବନାଶକୁ ଘେନିଯାଏ । ଜୀବନ୍ତ ପରମେଶ୍ୱରଙ୍କ ବିଚାର ସମ୍ମୁଖରେ ଠିଆହୋଇ, ''ମୁଁ ଅନ୍ୟମାନଙ୍କ ଠାରୁ ଶ୍ରେଷ୍ଠତର ବୋଲି ଆତ୍ମପ୍ରଶଂସା କଲେ ଆମ୍ଭେମାନେ କି ଧାର୍ମିକଗଣିତ ହୋଇପାରିବା ?''

## II. ପ୍ରକୃତ ଜୀବନର ପରିମାଣ କଅଣ ?:

ଆମ୍ଭେମାନେ କିପରିଭାବେ ଈଶ୍ୱରଙ୍କୁ ପ୍ରେମ କରୁଅଛୁ ? ଆମର ପରିବାର କୌଣସି ଜଟିଳ ସମସ୍ୟାର ସମ୍ମୁଖୀନ ହେଲେ ଈଶ୍ୱରଙ୍କ ପ୍ରତି ଆମ୍ଭର ପ୍ରେମର ପ୍ରକୃତ ପରୀକ୍ଷା ହୁଏ । ଦର୍କାଙ୍କ ମୃତ୍ୟୁ ପରେ ତାହାଙ୍କ ଦ୍ୱାରା ଉପକାର ପ୍ରାପ୍ତ ବିଧବାମାନେ ଦର୍କା ସେମାନଙ୍କ ସହ ଥିବା ସମୟରେ ଯେଉଁସବୁ ଅଙ୍ଗରଖା ଓ ବସ୍ତ୍ରଗୁଡ଼ିକ ବନାଇଥିଲେ ତାହାସବୁ କାନ୍ଦି କାନ୍ଦି ପିତରଙ୍କୁ ଦେଖାଇଲେ । ତଦ୍ୱାରା ଦର୍କାଙ୍କ କୋମଳ ଓ ପ୍ରେମୀ ହୃଦୟର ମନୋଭାବ ପ୍ରକାଶ ପାଏ । ଆମ୍ଭମାନଙ୍କ ପ୍ରତ୍ୟେକ କାର୍ଯ୍ୟ ପ୍ରତ୍ୟେକ କଥା ଆମ୍ଭମାନଙ୍କ ହୃଦୟର ସ୍ଥିତିର ନିଦର୍ଶନ । (୧) ଯୀଶୁ କହିଲେ,''ତୁମ୍ଭେ ଆପଣାର ସମସ୍ତ ଅନ୍ତଃକରଣ ସମସ୍ତ ପ୍ରାଣ ଓ ସମସ୍ତ ମନଦେଇ ପ୍ରଭୁ, ଆପଣା ଈଶ୍ୱରଙ୍କୁ ପ୍ରେମ କର । ଏହାହିଁ ଶ୍ରେଷ୍ଠ ଓ ପ୍ରଥମ ଆଜ୍ଞା । ଦ୍ୱିତୀୟ ଏହାର ସଦୃଶ୍ୟ, ତୁମ୍ଭେ ଆପଣା ପ୍ରତିବାସୀଙ୍କୁ ଆତ୍ମତୁଲ୍ୟ ପ୍ରେମକର ।'' (ମାଥିଉ ୨୨:୩୭-୩୯) ଆମ୍ଭମାନଙ୍କ ଆଚରଣ ଆମ୍ଭମାନଙ୍କ ହୃଦୟରେ ଥିବା ଆତ୍ମିକ ବା ଜାଗତିକ ପ୍ରେମର ପରିମାଣ ନିରୂପଣ କରେ । (୨) କୌଣସି ମନୁଷ୍ୟ ଈଶ୍ୱରଙ୍କୁ ଓ ଜଗତ ଉଭୟକୁ ପ୍ରେମ କରି ନପାରେ । ସେ ଜଗତକୁ ପ୍ରେମ କରେ, ତାହାର ଅନ୍ତରରେ ଈଶ୍ୱରଙ୍କ ପ୍ରତି ପ୍ରେମ ନାହିଁ । ଜାଗତିକ ବିଷୟରେ ଆସକ୍ତ ହୋଇ ଆତ୍ମିକ ବିଷୟରେ ଅବହେଳା କରିବା ଲୋକେ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରିବେ ନାହିଁ । ଆତ୍ମିକତାରେ ଉନ୍ନତି କରିବା କେବଳ ଏକ ଦିନର କାମ ନୁହେଁ, କିନ୍ତୁ ଦିନ ପ୍ରତିଦିନ ତାହା ଅଭ୍ୟାସ କରିବାକୁ ପଡ଼େ । ଅନେକେ ଉଭୟ ଜଗତକୁ ପ୍ରେମ କରିବାକୁ ଇଚ୍ଛା କରନ୍ତି, କିନ୍ତୁ ଈଶ୍ୱରଙ୍କ ବାକ୍ୟ ଏପରି କହେ,''ସଂସାର କିଅବା ସେଥିରେ ଥିବା ବିଷୟ ସବୁକୁ ପ୍ରେମ ନକର

। କେହି ଯଦି ସଂସାରକୁ ପ୍ରେମ କରେ, ପିତାଙ୍କ ପ୍ରେମ ତାହା ଠାରେ ନାହିଁ, କାରଣ ଶାରୀରିକ ଅଭିଳାଷ ଓ ଲୌକିକ ଗର୍ବ ସଂସାରରେ ଥିବା ଏହି ସମସ୍ତ ବିଷୟ ପିତାଙ୍କ ଠାରୁ ନୁହେଁ, ମାତ୍ର ସଂସାରରୁ ଉତ୍ପନ୍ନ ହୋଇଅଛି । (୧ମ ଯୋହନ ୨:୧୫-୧୭) । (୩) ଆମ୍ଭମାନଙ୍କ ପ୍ରେମ, ଆମ୍ଭମାନଙ୍କ ଘୃଣାର ବିଷୟ ମଧ୍ୟ ପ୍ରକାଶ କରେ । ସତ୍ୟପ୍ରେମୀ ପ୍ରତ୍ୟେକେ ଅସତ୍ୟକୁ ଘୃଣା କରନ୍ତି । ଅସତ୍ୟ, ଦୁର୍ନୀତି, ପ୍ରତାରଣା ଓ ସମସ୍ତ ଦୁଷ୍ଟତାରୁ ଆମ୍ଭମାନଙ୍କୁ ରକ୍ଷା କରିବା ନିମନ୍ତେ ଈଶ୍ୱର ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କଲେ । ସତ୍ୟକୁ ଘୃଣା କରି ଅସତ୍ୟକୁ ପ୍ରେମ କରିବା ଲୋକଙ୍କ ଅବସ୍ଥା କଅଣ ହେବ, ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟରେ ପଢ଼ିପାରିବା । ସତ୍ୟ ଗ୍ରହଣ ନକରି, ଅଧର୍ମତାରେ ଅଭିଳାଷୀମାନଙ୍କୁ ଦଣ୍ଡଦେବା ନିମନ୍ତେ ଈଶ୍ୱରଙ୍କ ନିକଟରୁ ଭ୍ରାନ୍ତିଜନକ ଶକ୍ତି ପ୍ରେରଣ କରାଯାଇଅଛି । (୨ୟ ଥେସଲନୀକୀ ୨:୧୦-୧୨) ।

**III.** ଆମ୍ଭମାନଙ୍କ ଜୀବନ କେଉଁ ମୂଳଦୁଆ ଉପରେ ପ୍ରତିଷ୍ଠିତ ? ମାଥିଉ ୭:୨୪-୨୭ ପଦଗୁଡ଼ିକରେ ଯୀଶୁ ପ୍ରତ୍ୟେକ ମନୁଷ୍ୟ ପ୍ରସ୍ତର ବା ବାଲି କୌଣସି ଏକ ମୂଳଦୁଆ ଉପରେ ପ୍ରତିଷ୍ଠିତ ବୋଲି କହିଅଛନ୍ତି । କେଉଁମାନେ ପ୍ରସ୍ତର ମୂଳଦୁଆ ଉପରେ ପ୍ରତିଷ୍ଠିତ ? ପ୍ରଭୁଙ୍କର ବାକ୍ୟ ଶ୍ରବଣ କରି ତଦନୁଯାୟୀ ଜୀବନଯାପନ କରିବା ଲୋକେ ପ୍ରସ୍ତର ଉପରେ ଗୃହ ବାନ୍ଧିଥିବା ବୁଦ୍ଧିମାନ ଲୋକଙ୍କ ସଦୃଶ୍ୟ । ଈଶ୍ୱରଙ୍କ ବାକ୍ୟର ଅବଜ୍ଞାକାରୀ ପ୍ରତ୍ୟେକେ ବାଲି ମୂଳଦୁଆ ଉପରେ ଘର ବାନ୍ଧିଥିବା ମୂର୍ଖଲୋକଙ୍କ ସଦୃଶ୍ୟ । ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟ କିପରି ଭାବେ ପାଳନ କରୁଅଛୁ, ତାହା ଆମ୍ଭମାନଙ୍କ ମୂଳଦୁଆ ନିର୍ଣ୍ଣୟ କରେ । (୨) ଯୀଶୁ କହିଲେ,"ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ ।" (ମାର୍କ ୧୬:୧୬) । "........ମୁଁ ଯେ କେହି ବ୍ୟକ୍ତି, ଏହା ତୁମ୍ଭେମାନେ ବିଶ୍ୱାସ ନକଲେ ଆପଣା ଆପଣା ପାପରେ ମରିବ ।" (ଯୋହନ ୮:୨୪) । ".........ମନ ପରିବର୍ତ୍ତନ ନକଲେ ତୁମ୍ଭେମାନେ ସମସ୍ତେ ସେହି ପ୍ରକାରେ ବିନଷ୍ଟ ହେବ ।" (ଲୂକ ୧୫:୩) । ଯୀଶୁଖ୍ରୀଷ୍ଟଙ୍କ ଏହି ଆଜ୍ଞା ଗୁଡ଼ିକର ଆଜ୍ଞାବହ ନହେଲେ, ବାଲି ଉପରେ ଆପଣା ଘର ବାନ୍ଧିଥିବା ମୂର୍ଖଲୋକଙ୍କ ସଦୃଶ୍ୟ ଆମ୍ଭମାନଙ୍କ ପତନ ଭୟଙ୍କର ହେବ । ସମୟ ଥାଉଁ ଥାଉଁ ଆମ୍ଭମାନଙ୍କ ଜୀବନରୂପ ଗୃହ ଈଶ୍ୱରଙ୍କ ବାକ୍ୟ ରୂପ ମୂଳଦୁଆ ଉପରେ ପ୍ରତିଷ୍ଠିତ କଲେ, ବୃଷ୍ଟି ବା ବତାସ ଆମ୍ଭମାନଙ୍କର କିଛି ନଷ୍ଟ କରିପାରିବ ନାହିଁ ।

IV. ପ୍ରତ୍ୟେକ ବ୍ୟକ୍ତି କୌଣସି ନା କୌଣସି ପ୍ରତିଭାର ଅଧିକାରୀ । ଯୀଶୁଖ୍ରୀଷ୍ଟ ମାଥିଉ ୨୫:୧୪-୩୦ରେ ପାଞ୍ଚଟି ଚଉଡ଼ା ଦୁଇ ତୋଡ଼ା ଓ ଗୋଟିଏ ତୋଡ଼ା ପ୍ରାପ୍ତ ବ୍ୟକ୍ତିମାନଙ୍କ ଉଦାହରଣ ଦେଇଅଛନ୍ତି । ପାଞ୍ଚତୋଡ଼ା ଓ ଦୁଇତୋଡ଼ା ବ୍ୟକ୍ତିମାନେ ବ୍ୟବସାୟ କରି ତାହାଙ୍କ ତୋଡ଼ାର ଦୁଇଗୁଣ ଫଳ ପାଇଥିଲେ । କିନ୍ତୁ ଗୋଟିଏ ତୋଡ଼ା ପ୍ରାପ୍ତ ବ୍ୟକ୍ତି ତାହା ନେଇ ମାଟିତଳେ ପୋତି ରଖିବାରୁ, ତାହାର ପ୍ରଭୁ ତାହାକୁ ଦୁଷ୍ଟ ଓ ଅଳସ ଦାସ ବୋଲି ଅନୁଯୋଗ କରିଥିଲେ । ଆମ୍ଭମାନଙ୍କୁ ଦତ୍ତ ତୋଡ଼ା ଆମ୍ଭମାନଙ୍କ କେବଳ ମୂଲ୍ୟର ନିମନ୍ତେ ବ୍ୟବହାର କରୁଅଛୁ କି ? ଅନେକେ ଈଶ୍ୱରଙ୍କ ଦତ୍ତ ପ୍ରତିଭା ଈଶ୍ୱରଙ୍କ ସେବାରେ ବିନିଯୋଗ ନ କରି ସ୍ୱଲାଭରେ ନିବିଷ୍ଟ ହୋଇ ରହୁଅଛନ୍ତି ।

୨) ଦର୍କା ଆପଣା ସମକ୍ଷମତାନୁଯାୟୀ ଅନ୍ୟମାନଙ୍କୁ ସାହାଯ୍ୟ କରୁଥିଲେ । ଯୋପେ ଏକ ବନ୍ଦର ସହର ହୋଇଥିବାରୁ, ସମୁଦ୍ର ବ୍ୟବସାୟୀମାନେ ସେହି ସହରରେ ବାସ କରୁଥିଲେ । ସେମାନଙ୍କ ଆବଶ୍ୟକତାନୁଯାୟୀ, ଆପଣା ସମକ୍ଷମତାନୁଯାୟୀ ସେମାନଙ୍କୁ ସାହାଯ୍ୟ କରୁଥିଲେ । ସେଠାରେ ଥିବା ବିଧବାମାନଙ୍କୁ ଆବଶ୍ୟକୀୟ ଅଙ୍ଗବସ୍ତ୍ର ଜଗାଇ ସେମାନଙ୍କ ହୃଦୟରେ ସ୍ଥାନ ପାଇଥିଲେ । ଯୀଶୁ କହିଲେ ତୁମ୍ଭମାନଙ୍କ ମଧ୍ୟରେ ଯେଉଁଲୋକ ଶ୍ରେଷ୍ଠ, ସେ ତୁମ୍ଭମାନଙ୍କ ସେବକ ହେବ ।'' (ମାଥିଉ ୨୩:୧୧) । ଦୀନହୀନ ଓ କ୍ଲେଶରେ ପୀଡ଼ିତ ଲୋକମାନଙ୍କ ଆବଶ୍ୟକତାରେ ସାହାଯ୍ୟ କରିବା ପ୍ରତ୍ୟେକ ଖ୍ରୀଷ୍ଟିୟାନର କର୍ତ୍ତବ୍ୟ । ସ୍ୱାର୍ଥପରତା ଓ ଅଳସତା ଅନ୍ୟମାନଙ୍କୁ ସାହାଯ୍ୟ କରିବାରେ ପ୍ରତିରୋଧ କରେ । ପ୍ରତିବାସୀର କ୍ଲେଶ ଓ ଯାତନାରେ ସାହାଯ୍ୟ ନକଲେ ପ୍ରତିବାସୀକୁ ଆତ୍ମତୁଲ୍ୟ କିପରି ପ୍ରେମକରିବା ? ଯାକୁବଙ୍କ ଅନୁଯାୟୀ ଅନାଥ ଓ ବିଧବାମାନଙ୍କୁ ସେମାନଙ୍କ ଦୁଃଖବସ୍ଥାରେ ସଂଖୋଳିବା ପୁଣି ସଂସାରରୁ ଆପଣାକୁ ନିଷ୍କଳଙ୍କ ରୂପେ ରକ୍ଷା କରିବା, ଈଶ୍ୱର ଓ ପିତାଙ୍କ ଛାମୁରେ ବିଶୁଦ୍ଧ ଓ ନିର୍ମଳ ଧର୍ମପରାୟଣତା ଅଟେ ।

୩) ଈଶ୍ୱର ଆପଣାଙ୍କୁ ଲୋଡ଼ନ୍ତି - ଈଶ୍ୱର ମନୁଷ୍ୟମାନଙ୍କ ଦ୍ୱାରା ଆପଣା କାର୍ଯ୍ୟ ସାଧନ କରନ୍ତି । ଈଶ୍ୱରଙ୍କ କାର୍ଯ୍ୟ ତାହାଙ୍କ ସନ୍ତାନମାନେ ନ କଲେ ଆଉ କିଏ କରିବ ? ତାହାଙ୍କ ଠାରୁ କେବଳ ମଙ୍ଗଳଦାନ କି ଆଶା କରୁଥିବା ? ପ୍ରତ୍ୟେକ ଖ୍ରୀଷ୍ଟିୟାନ ଉପରେ ଈଶ୍ୱରଙ୍କ କାର୍ଯ୍ୟର ଭାର ରହିଅଛି । ଆମ୍ଭମାନଙ୍କ କର୍ତ୍ତବ୍ୟରେ ଅବହେଳା

କଲେ, ଈଶ୍ୱରଙ୍କ ବିଚାରରେ ଆମ୍ଭେମାନେ ଦୋଷୀ ହେବା । ଏହି ଅନ୍ଧକାର ଜଗତ ଆଲୋକ, ଏହି ନିସାର ଜଗତ ଲବଣ ସ୍ୱରୂପ ଖ୍ରୀଷ୍ଟିୟାନ ଆବଶ୍ୟକ କରେ । ଯିଶାଇୟଙ୍କ ସଦୃଶ୍ୟ, "ମୁଁ ଅଛି, ମୋତେ ପଠାଅ" ବୋଲି କି କହିପାରିବା ? ସମୟ ଅତି ଅଳ୍ପ, କାମ ବହୁତ, ତେଣୁ ଈଶ୍ୱର ତାହାଙ୍କ କାମ ନିମନ୍ତେ ଆପଣଙ୍କୁ ଲୋଡ଼ନ୍ତି ।

**V.** ଆମ୍ଭମାନଙ୍କ ସ୍ୱଭାବ - "ତୁମ୍ଭ ହୃଦୟକୁ ଅତି ଯତ୍ନରେ ରଖ, ଯେହେତୁ ତହିଁରୁ ଜୀବନର ପ୍ରଭାବ ବହଇ ।" (ହିତ ୪:୨୩) ପ୍ରତ୍ୟେକ ମନୁଷ୍ୟ ତାହାର ସ୍ୱଭାବ ଦ୍ୱାରା ସ୍ମରଣୀୟ ହୁଏ । ଆମ୍ଭମାନଙ୍କ ବ୍ୟବହାର ଆମ୍ଭମାନଙ୍କ ଜୀବନର ମୁଖ୍ୟ ଲକ୍ଷ୍ୟ ହେବା ଆବଶ୍ୟକ । ବାକ୍ୟ ଦାଉଦଙ୍କୁ 'ସଦାପ୍ରଭୁଙ୍କ ନିଜ ମନର ମତ ଏକ ଜଣ" ବୋଲି କହେ । ସେ କହନ୍ତି, "ହେ ପରମେଶ୍ୱର, ମୋ ଅନ୍ତରରେ ଶୁଚି ଅନ୍ତଃକରଣ ସୃଷ୍ଟି କରି ମୋ ମଧ୍ୟରେ ସୁସ୍ଥିର ଆତ୍ମା ନୂତନ କର ।" (ଗୀତ ୫୧:୧୦) । (୨) ପ୍ରତିଜଣ ଆପଣା ଆପଣା ପରୀକ୍ଷା କରୁ - ଆପଣା ଆପଣାକୁ ପରୀକ୍ଷା କରି ଆମ୍ଭମାନଙ୍କର କେଉଁ ବିଷୟର ଊଣା ଅଛି ଜାଣ, ଈଶ୍ୱରଙ୍କ ସେବା ଓ ମନୁଷ୍ୟମାନଙ୍କ ସାହାଯ୍ୟରେ ସର୍ବଦା ପ୍ରସ୍ତୁତ ରହିବା ଆବଶ୍ୟକ । ଅନେକ ପୁରୁଷ-ସ୍ତ୍ରୀମାନେ ଅନ୍ୟମାନଙ୍କ ସେବାରେ ଆପଣା ଜୀବନ ଉତ୍ସର୍ଗ କରିବାର ବିଷୟ ବାଇବଲ ତଥା ଜାଗତିକ ଇତିହାସରେ ପଢ଼ି ପାରିଥାଉଁ ।

**VI.** ଆମ୍ଭମାନଙ୍କ ବାକ୍ୟ ବା କଥା ଆମ୍ଭମାନଙ୍କ ହୃଦୟର ପରିସ୍ଥିତି ଜଣାଏ । ଯେହେତୁ, "ହୃଦୟର ପୂର୍ଣ୍ଣତାରୁ ମୁଖ କଥା କହେ.........ତୁମ୍ଭ ବାକ୍ୟ ଦ୍ୱାରା ତୁମ୍ଭେ ନିର୍ଦ୍ଦୋଷ ଓ ତୁମ୍ଭ ବାକ୍ୟ ଦ୍ୱାରା ତୁମ୍ଭେ ଦୋଷୀ ବୋଲି ପ୍ରମାଣିତ ହେବ ।" (ମାଥିଉ ୧୨:୩୪-୩୭) । ଏହି ଜଗତରୁ ବିଦାୟ ନେଇ ପର ଜଗତକୁ ଚାଲିଥିବା ଲୋକେ ଆପଣା ବାକ୍ୟ ଦ୍ୱାରା ସ୍ମରଣୀୟ ହୁଅନ୍ତି । କାରଣ ଆମ୍ଭମାନଙ୍କ ବ୍ୟକ୍ତ ବାକ୍ୟ ଆମ୍ଭମାନଙ୍କ ପ୍ରକୃତ ବ୍ୟକ୍ତିତ୍ୱର ପରିଚୟ । (୨) କପଟ ଜିହ୍ୱା ଠାରୁ ବିଷମୟ ଆଉ କିଛି ନାହିଁ । ଆମ୍ଭମାନଙ୍କ ଜିହ୍ୱା ଆମ୍ଭମାନଙ୍କ ଆତ୍ମିକ ସ୍ଥିତିର ପ୍ରତିବିମ୍ବ । ଯାକୁବଙ୍କ ଭାଷାରେ "ଯେଣୁ ଆମ୍ଭେମାନେ ସମସ୍ତେ ଅନେକ ବିଷୟରେ ଝୁଣ୍ଟିପଡୁ । ଯଦି କେହି ବାକ୍ୟରେ ଝୁଣ୍ଟି ନପଡ଼େ ତେବେ ସେ ସିଦ୍ଧ ପୁରୁଷ, ସମସ୍ତ ଶରୀରକୁ ମଧ୍ୟ ବଶରେ ରଖିବାକୁ ସମର୍ଥ ।" (ଯାକୁବ ୩:୨) । ତେଣୁ ଆମ୍ଭମାନଙ୍କ ଜିହ୍ୱା ବିଷୟରେ ସବୁବେଳେ ଜାଗ୍ରତ ରହିବା

ଆବଶ୍ୟକ । (କ) ଛଅଗୋଟି ବିଷୟକୁ ସଦାପ୍ରଭୁ ଘୃଣା କରନ୍ତି ବୋଲି ଜ୍ଞାନୀ ଶଲୋମନ ହିତ ୬:୧୬-୧୭ରେ କହିଅଛନ୍ତି । ସେଥିରେ ତିନିଟି କୁକାର୍ଯ୍ୟ ଜିହ୍ୱା ଦ୍ୱାରା ହୁଏ । (ଖ) "ଅତଏବ ମିଥ୍ୟା ପରିତ୍ୟାଗ କରି ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ପ୍ରତିବାସୀ ସହିତ ସତ୍ୟ ଆଳାପ କର, କାରଣ ତୁମ୍ଭେମାନେ ପରସ୍ପର ଅଙ୍ଗ ପ୍ରତ୍ୟଙ୍ଗ ।" (ଏଫିସୀ ୪:୨୫ । (ଗ) "ପରମେଶ୍ୱରଙ୍କ ଦୟା ନିତ୍ୟସ୍ଥାୟୀ, ତୁମ୍ଭର ଜିହ୍ୱା ନିତାନ୍ତ ଦୁଷ୍ଟତା କଳ୍ପନା କରି ତୀକ୍ଷ୍ଣକ୍ଷୁର ତୁଲ୍ୟ ପ୍ରବଞ୍ଚନା ପୂର୍ବକ କାର୍ଯ୍ୟ କରୁଅଛି ।" (ଗୀତ ୫୨:୨) । (ଘ) "କାହାର କାହାର ବାଚାଳତା ଖଡ୍‌ଗଘାତ ପରି, ମାତ୍ର ଜ୍ଞାନୀର ଜିହ୍ୱା ସ୍ୱାସ୍ଥ୍ୟଜନକ ।" (ହିତ ୧୨:୧୮) । (ଙ) "ତୁମ୍ଭେ ସୁକର୍ମ ଅପେକ୍ଷା କୁ-କର୍ମକୁ ଓ ଧର୍ମକଥା ଅପେକ୍ଷା ମିଥ୍ୟା କଥାକୁ ଅଧିକ ଭଲ ପାଉଅଛ ।" (ଗୀତ ୫୨:୩) । (ଚ) "ପାପଧାମ ଲୋକେ ଅନିଷ୍ଟ କଳ୍ପନା କରେ, ପୁଣି ଓଷ୍ଠରେ ଜଳନ୍ତା ଅଗ୍ନିପରି ଥାଏ ।" (ହିତ ୧୬:୨୭) । (ଛ) "ମୂର୍ଖର ଓଷ୍ଠ ବିବାଦରେ ପ୍ରବର୍ତ୍ତେ, ପୁଣି ତାହାର ମୁଖ ମାଡ଼ ଖାଇବାକୁ ଡାକେ ।" (ହିତ ୧୮:୬) । (ଜ) ଯେ ହିଂସା ଆଚ୍ଛାଦନ କରେ, ତାହାର ଓଷ୍ଠଧାର ମିଥ୍ୟାବାଦୀ, ପୁଣି ଯେ ଅପବାଦ ରଟନା କରେ, ସେ ଅଜ୍ଞାନ ।" (ହିତ ୧୦:୧୮) । ଏହିପରି ସର୍ବନାଶକ ଦାୟକ ଜିହ୍ୱାକୁ ଆମ୍ଭେମାନେ ଆପଣା ବଶୀଭୂତ ନକଲେ ଆମ୍ଭେମାନେ କିପରି ବୁଦ୍ଧିମାନ ରୂପେ ପରିଗଣିତ ହୋଇପାରିବା ?

**III.** ଅନ୍ୟପକ୍ଷରେ ସେହି ଜିହ୍ୱା ସୁମିଷ୍ଟ ଓ ମନୋହର କଥା ମଧ୍ୟ କହେ । "ମନୋହର ଭାଷା ମଧୁଚାକ ସଦୃଶ୍ୟ, ତାହା ମନକୁ ସୁମିଷ୍ଟ ଅସ୍ଥିକି ସ୍ୱାସ୍ଥ୍ୟ ।" (ହିତ ୧୬:୨୪) । ବୁଦ୍ଧିମତୀ ସ୍ତ୍ରୀ ବିଷୟରେ ଜ୍ଞାନୀ ଶଲୋମନ କହନ୍ତି, "ସେ ଜ୍ଞାନରେ ଆପଣା ମୁଖ ଫିଟାଏ, ତାହାର ଜିହ୍ୱାରେ ଦୟାର ବ୍ୟବସ୍ଥା ଥାଏ ।" (ହିତ ୩୧:୨୬) । ଜ୍ଞାନୀ ନମ୍ର କଥା ମନୁଷ୍ୟ ତଥା ଈଶ୍ୱରଙ୍କ ଦୃଷ୍ଟିରେ ସନ୍ତୋଷଦାୟକ । (ଲେଖାଯାଏ, "ଆପଣା ମୁଖର ଉତ୍ତରରେ ମନୁଷ୍ୟର ଆନନ୍ଦ ହୁଏ, ପୁଣି ଯଥାକାଳର କଥା କେମନ୍ତ ଉତ୍ତମ !" (ହିତ ୧୫:୨୩) । "ଶାନ୍ତି ଜିହ୍ୱା ଜୀବନ ବୃକ୍ଷ ସ୍ୱରୂପ, ପୁଣି କୁଟିଳ ଜିହ୍ୱା ଆତ୍ମା ଭଙ୍ଗ କରେ ।" (ହିତ ୧୫:୪) "ଯଥାଚିତମତେ କଥିତ ବାକ୍ୟ ରୂପା ପାତ୍ରରେ ସୁବର୍ଣ୍ଣ ନାରଙ୍ଗ ତୁଲ୍ୟ ।" (ହିତ ୨୫:୧୧) ।

"ମରଣ ଓ ଜୀବନ ଜିହ୍ୱାର ଅଧିନ, ଯେଉଁମାନେ ତାକୁ ଭଲ ଜାଣନ୍ତି, ସେମାନେ ତାହାର ଫଳ ଭୋଗିବେ ।" (ହିତ ୧୮:୨୧) । "ଯେଣୁ ତୁମ୍ଭ ବାକ୍ୟ ଦ୍ୱାରା ତୁମ୍ଭେ ନିର୍ଦ୍ଦୋଷ ଓ ତୁମ୍ଭ ବାକ୍ୟ ଦ୍ୱାରା ତୁମ୍ଭେ ଦୋଷୀ ବୋଲି ପ୍ରମାଣିତ ହେବ ।" ବୋଲି ଯୀଶୁ ମାଥିଉ ୧୨:୩୭ ସତର୍କ କରାନ୍ତି । ଈଶ୍ୱରଙ୍କ ଦତ୍ତ ଏହି ବାକଶକ୍ତି ଦାନକୁ ସଦ୍‌ବ୍ୟବହାର କରି ତାହାଙ୍କ ଆଜ୍ଞାଧିନ ହୋଇ ରହିଲେ ଅନନ୍ତ ଜୀବନର ଅଧିକାରୀ ହୋଇପାରିବା ।

❋❋❋

# ଭରସାଯୋଗ୍ୟ ପରମେଶ୍ୱର
## (A God you can count on)

ଆମ୍ଭମାନଙ୍କ ପରମେଶ୍ୱର ସର୍ବଶକ୍ତିମାନ ଅଟନ୍ତି । ସେ ଯାହା କହନ୍ତି, ସେ ତାହା କରନ୍ତି ଏହି ବିଶ୍ୱାସ ଆମ୍ଭେମାନେ ତାହାଙ୍କ ଠାରେ ରଖୁ । ଅନେକ ପରିସ୍ଥିତିରେ ସେ ଆମ୍ଭମାନଙ୍କ ପ୍ରତି କରିଥିବା ପ୍ରତିଜ୍ଞା ପୂରଣ କରିପାରିବେ ନାହିଁ ବୋଲି ମନେକରୁ । ତାହାଙ୍କ ପ୍ରତିଜ୍ଞା ସଫଳ ହେବାରେ ଯଦିଓ ବିଳମ୍ବ ହୁଏ, ତଥାପି ଆମ୍ଭେମାନେ ଅଧୈର୍ଯ୍ୟ ନହୋଇ ଅପେକ୍ଷା କରୁ । ଆମ୍ଭମାନଙ୍କ ପରମେଶ୍ୱର ବିଶ୍ୱସ୍ତ ପରମେଶ୍ୱର ଅଟନ୍ତି । ଆମ୍ଭେମାନେ ସମ୍ମୁଖୀନ ହେବାକୁ ଯାଉଥିବା ସମସ୍ୟାଗୁଡ଼ିକ ବିଷୟରେ ସେ ଆମ୍ଭମାନଙ୍କୁ ପୂର୍ବରୁ ସତର୍କ କରନ୍ତି ନାହିଁ । ହାରୋଣ ପ୍ରଦେଶରୁ ଅବ୍ରାହମ ଯାତ୍ରା ଆରମ୍ଭ କରିବା ପୂର୍ବେ ସେ ଦୁର୍ଭିକ୍ଷ ଓ ଶତ୍ରୁମାନଙ୍କ ସମ୍ମୁଖୀନ ହେବେ ବୋଲି ଜାଣିନଥିଲେ । ସେ ଆଶୀର୍ବାଦ ପ୍ରାପ୍ତ ହେବା ପୂର୍ବେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ ।

ଯୋସେଫ ଜଣେ ମହାନ୍ ନେତା ହେବେ ଓ ତାହାଙ୍କ ଭାଇମାନେ ତାହାଙ୍କୁ ପ୍ରଣାମ କରିବେ ବୋଲି ସଦାପ୍ରଭୁ ଅନେକ ବର୍ଷ ପୂର୍ବେ ତାହାଙ୍କୁ ସ୍ୱପ୍ନ ଦ୍ୱାରା ଜଣାଇଥିଲେ । (ଆଦି ୩୭ ପର୍ବ) । କିନ୍ତୁ ଯୋସେଫ ପ୍ରଥମେ ଏକ ଗାତରେ ପରେ ଏକ କାରାଗାରରେ ନିକ୍ଷିପ୍ତ ହୋଇଥିଲେ । ୧୩ ବର୍ଷର ଦାସତ୍ୱ ଓ ବନ୍ଦୀତ୍ୱ ପରେ ସେ ମିଶର ଦେଶର ପ୍ରଧାମନ୍ତ୍ରୀ ରୂପେ ନିଯୁକ୍ତ ହୋଇଥିଲେ । ଆହୁରି ନଅବର୍ଷ ପରେ,

ସ୍ୱପ୍ନାନୁଯାୟୀ ତାହାଙ୍କ ଭାଇମାନେ ତାହାଙ୍କୁ ପ୍ରଣାମ କରିଥିଲେ । ସଦାପ୍ରଭୁଙ୍କ ପ୍ରଦତ୍ତ ପ୍ରତିଜ୍ଞା ସଫଳ ହେବା ପୂର୍ବେ ଯୋସେଫଙ୍କୁ ଅନେକ ଯାତନାର ସମ୍ମୁଖୀନ ହେବାକୁ ପଡ଼ିଥିଲା ।

ସଦାପ୍ରଭୁ ଆମ୍ଭମାନଙ୍କୁ ଅନନ୍ତଜୀବନ ପ୍ରତିଜ୍ଞା କରିଅଛନ୍ତି । ପ୍ରତିଜ୍ଞା ଓ ସଫଳତା ମଧ୍ୟରେ ଥିବା କଷ୍ଟ, ଯାତନା ବିଷୟରେ ସେ ଆମ୍ଭମାନଙ୍କୁ ପୂର୍ବରୁ ସତର୍କ କରନ୍ତି ନାହିଁ । ଦୁଃଖ, କଷ୍ଟ, ଯାତନା ଦ୍ୱାରା ଆମ୍ଭମାନଙ୍କ ଜୀବନ ଆହୁରି ସୁଦୃଢ଼ ହୁଏ । ସୁଦୃଢ଼ ହୋଇ ତାହାଙ୍କ ଆଶୀର୍ବାଦ ଗ୍ରହଣ କରିପାରିବା । ସଦାପ୍ରଭୁ ଅବ୍ରାହମଙ୍କୁ କରିଥିବା ପ୍ରତିଜ୍ଞା କରିବାର ୨୫ ବର୍ଷ ପରେ ସଫଳ ହୋଇଥିଲା । ଏହି ମଧ୍ୟବର୍ତ୍ତୀ ସମୟରେ ଅବ୍ରାହମଙ୍କ ବିଶ୍ୱାସ ଆହୁରି ସୁଦୃଢ଼ ହୋଇଥିଲା ।

ଯଦିଓ ଆମ୍ଭେମାନେ କିପରି ଭାବେ ପରୀକ୍ଷିତ ହେବା ଜାଣୁନାହୁଁ, ତଥାପି ଈଶ୍ୱରଙ୍କ ଇଚ୍ଛାନୁଯାୟୀ ପରୀକ୍ଷିତ ହେଉ । ପାଉଲ କହନ୍ତି,''କାରଣ ଆମ୍ଭମାନଙ୍କୁ ଯେ କ୍ଳେଶ ଭୋଗ କରିବାକୁ ହେବ, ଏହା ଆମ୍ଭେମାନେ ତୁମ୍ଭମାନଙ୍କ ସହିତ ଥିବା ସମୟରେ ହିଁ ତୁମ୍ଭମାନଙ୍କୁ ପୂର୍ବରୁ ଥରକୁ ଥର କହିଥିଲୁ, ପୁଣି ସେହିପରି ଘଟିଅଛି । ଆଉ ତୁମ୍ଭେମାନେ ତାହା ଜାଣ ।'' (୧ମ ଥେସଲନୀକୀ ୩:୪) ପାଉଲଙ୍କ ସଦୃଶ୍ୟ ଆମ୍ଭମାନଙ୍କୁ ଖ୍ରୀଷ୍ଟିୟ ଜୀବନରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ହେବ । ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଜୀବନଯାପନ କଲେ, ଆମ୍ଭମାନଙ୍କ ବିଶ୍ୱସ୍ତ ପରମେଶ୍ୱର ଅନନ୍ତଜୀବନ ରୂପ ମୁକୁଟ ଦେବେ ।

***- Tom Kelton***

❋❋❋

**Edited & Published by : Kabita & Joshua Gootam**

# THE POOR MAN AND THE RICH MAN

Luke 16 : 19 - 31

*INTRODUCTION:*

1. This is a true story.
2. It concerns a poor man and a rich man.
    a. A good man and a bad man.
    b. But being poor didn't make him good and being rich didn't make him bad.
3. Both died and experienced life beyond the grave.
4. This is a lesson designed to help each one of us to prepare for the future life.

*DISCUSSION:*

**I. The Poor Man.**

1. His name was Lazarus.
2. He was a beggar.
3. He was full of sores.
4. He lay at the gate of a rich man.
5. He desired to be fed with the crumbs that fell from the rich man's table.
6. Dogs came and licked his sores.
7. This man died.
8. He was carried by the angels into Abraham's bosom.

**II. Rich Man.**

1. Jesus said there was a certain rich man.
2. He was clothed in purple and fine linen.
3. He fared sumptuously every day.
4. The rich man also died.
5. And was buried.
6. And in hell he lifted up his eyes being in torment.
7. There he saw Lazarus in Abraham's bosom.
8. He begged Father Abraham to send Lazarus that the mighe dip the tip of his finger in water and cool his tongue.

**III. What the rich man Discovered in hell.**

1. That riches aren't every thing. (1 Timothy 6 : 10).
2. That death comes even to the rich. (Heb 9 : 27).
3. That there is a hell. (Matt 25 : 46).
4. That it is a place of torment.
5. That it continues on.
6. That there is no way to escape.
7. That one cannot return to the earth from the dead.

*CONCLUSION :*

1. Do you want to go to Hell ?
2. Jesus teaches that if one believes not he will be condemned. (Mark 16 : 16).
3. Paul says the Lord is coming to punish those who obey not the gospel. (2 Thess 1 : 7-9).
4. So you must obey God to be saved.
5. Prepare now while you have the opportunity.

**- J.C.Choate**

Printed Book Only

From:

SATYA VANI
**P.O. Box 80,**
**Kakinada - 533 001**

To

(FOR PRIVATE CIRCULATION ONLY)